ପାଠ- ୧୩

# ବେଙ୍ଗୁଲୀ କରୁଛି କେଁ କଟର

## STUDY NOTES

୧. ପଢ଼ ଓ ଲେଖ।

| | | | |
|---|---|---|---|
| ଫର୍ଦ୍ଦ | ..................... | ଅର୍ଦ୍ଦଳି | ..................... |
| ବୁଦ୍ଧ | ..................... | ଶୁଦ୍ଧ | ..................... |
| ବିଶୁଦ୍ଧ | ..................... | କରମର୍ଦ୍ଦନ | ..................... |
| ଶବ୍ଦ | ..................... | ଶନିଶ୍ଚର | ..................... |
| ଉର୍ଦ୍ଦ୍ଧ | ..................... | ନିଶ୍ଚୟ | ..................... |
| ଶବ୍ଦାବଳୀ | ..................... | ଯୁଦ୍ଧ | ..................... |
| ଉଦ୍ଭଟ | ..................... | ଅର୍ଦ୍ଧରାତ୍ର | ..................... |
| ପଶ୍ଚିମ | ..................... | | |

୨. ପାଠଟି ପଢ଼। ସେଥିରେ ଥିବା 'ବ୍ଦ, ର୍ଦ୍ଦ, ଦ୍ଧ, ଶ୍ଚ, ଦ୍ଭ' ଅକ୍ଷର ଥିବା ଶବ୍ଦଗୁଡ଼ିକୁ ଫୁଲର ଉପଯୁକ୍ତ ପାଖୁଡ଼ାରେ ଲେଖ।




'ର୍ଦ୍ଦ' : ଚତୁର୍ଦ୍ଦିଗ, ସର୍ଦ୍ଦାର, ନିର୍ଦ୍ଦେଶ, ମର୍ଦ୍ଦଳ, ଦୁର୍ଦ୍ଦଶା

'ଦ୍ଧ' : କଣ୍ଠରୁଦ୍ଧ, ବୃଦ୍ଧବେଙ୍ଗ, ବୁଦ୍ଧିମାନ, ଉଦ୍ଧାର

୩. **ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।**

| | | | |
|---|---|---|---|
| ସରର୍ଦ୍ଦା | ସର୍ଦ୍ଦାର | ମାର୍ଦ୍ଦନ | ନର୍ଦ୍ଦମା |
| ଉରଦ୍ଧା | ଉଦ୍ଧାର | ବିଦ୍ଧରୁ | ବିରୁଦ୍ଧ |
| ଉଦଦ୍ଭି | ଉଦ୍ଭିଦ | ସ୍ୱବଭା | ସ୍ୱଭାବ |
| ଶବ୍ଦୀତା | ଶତାବ୍ଦୀ | ଭୁତଅ | ଅଦ୍ଭୁତ |
| ମଶ୍ଚିପ | ପଶ୍ଚିମ | ଶନିଃବ୍ଦ | ନିଃଶବ୍ଦ |

**୪. ରେଖାଙ୍କିତ ଅକ୍ଷରରେ ଲେଖାଥିବା ଭୁଲ ଶବ୍ଦଟିକୁ କାଟି ବାକ୍ୟଟି ସଜାଅ ।**

କ) ସୂର୍ଯ୍ୟ **ପୂର୍ବ** ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି ।

ଉ: ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି ।

ଖ) ବିଦ୍ୟାଳୟରେ ବାଘ ଦେଖି ପିଲାଟି ଆଶ୍ଚର୍ଯ୍ୟ **ନିର୍ଭୟ** ହୋଇଗଲା ।

ଉ: ବିଦ୍ୟାଳୟରେ ବାଘ ଦେଖି ପିଲାଟି ଆଶ୍ଚର୍ଯ୍ୟ ହୋଇଗଲା ।

ଗ) ଉଦ୍ଭିଦ **ପ୍ରାଣୀ**ମାନେ ଚଲାବୁଲା କରିପାରନ୍ତି ନାହିଁ ।

ଉ: ଉଦ୍ଭିଦମାନେ ଚଲାବୁଲା କରିପାରନ୍ତି ନାହିଁ ।

ଘ) **ଅଶ୍ୱ** ଶାର୍ଦ୍ଦୁଳ ବଣରେ ରହେ ।

ଉ: ଶାର୍ଦ୍ଦୁଳ ବଣରେ ରହେ ।

ଙ) ଢୋଲ ବଜାଇଲେ ଜୋର୍‌ରେ ଶବ୍ଦ **ଗନ୍ଧ** ହୁଏ ।

ଉ: ଢୋଲ ବଜାଇଲେ ଜୋର୍‌ରେ ଶବ୍ଦ ହୁଏ ।

ଚ) ମୋ ଜେଜେ **ଯୁବକ** ବୃଦ୍ଧ ହୋଇଗଲେଣି ।

ଉ: ମୋ ଜେଜେ ବୃଦ୍ଧ ହୋଇଗଲେଣି ।

**୫. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଖାଲି ଜାଗାରେ ଲେଖ ।**

(ନିଶ୍ଚୟ, ବୁଦ୍ଧିଆ, ସର୍ଦ୍ଦି, ନିଃଶବ୍ଦ, ଅଦ୍ଭୁତ)

କ) କାଲି ରାତିରେ ମୁଁ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଲି ।

ଖ) ପିଲାଟି ସର୍ଦ୍ଦି ଯୋଗୁ ନାକ ସୁଁ ସୁଁ କରୁଛି ।

ଗ) ମୋ ମାମୁ କାଲି ନିଶ୍ଚୟ ଆସିବେ ।

ଘ) ବିଲୁଆ ଏକ ବୁଦ୍ଧିଆ ପ୍ରାଣୀ ।

ODM EDUCATIONAL GROUP Changing your Tomorrow

**୬. ଗପଟିକୁ ପଢ଼ି ଉତ୍ତର ଲେଖ।**

କ) କଇଁଛ କ'ଣ ବଜାଉଥିଲା ?

ଉ: କଇଁଛ ମର୍ଦ୍ଦଳ ବଜାଉଥିଲା।

ଖ) ଶୀତଦିନେ କ'ଣ ହେବାରୁ ବେଙ୍ଗମାନେ ଗୀତ ଗାଇପାରିଲେ ନାହିଁ।

ଉ: ଶୀତଦିନେ ଶୀତ ଓ ଥଣ୍ଡା ପାଗ ଯୋଗୁଁ ବେଙ୍ଗମାନେ ଗୀତ ଗାଇପାରିଲେ ନାହିଁ।

ଗ) ବେଙ୍ଗମାନେ ମାଟିତଳେ କିପରି ଶୋଇଲେ ?

ଉ: ବେଙ୍ଗମାନେ ମାଟିତଳେ ନିଃଶବ୍ଦରେ ନିଶ୍ଚଳ ହୋଇ ଶୋଇଲେ।

ଘ) କେଉଁ ତିଥିରେ ବାଘମାମୁର ବାହାଘର ହୋଇଥିଲା ?

ଉ: ଆଷାଢ଼ ମାସର ଚତୁର୍ଦ୍ଦଶୀ ତିଥିରେ ବାଘମାମୁର ବାହାଘର ହୋଇଥିଲା।

ଙ) ହନୁବଇଦ କେଉଁଥିରୁ ଔଷଧ ତିଆରି କରିଥିଲା ?

ଉ: ହନୁବଇଦ ବିଭିନ୍ନ ପ୍ରକାର ଉଦ୍ଭିଦ ଚେର ଆଣି ଔଷଧ ତିଆରି କରିଥିଲା।

**୭. ବାକ୍ୟଗୁଡ଼ିକ ଅଧା ଲେଖା ହୋଇଛି। ତଳେ ଦିଆଯାଇଥିବା ଶବ୍ଦ ଲଗାଇ ବାକ୍ୟଗୁଡ଼ିକୁ ପୂରା କର।**

କ) ନର୍ଦ୍ଦମା :- ଆମ ଘର ପାଖରେ ନର୍ଦ୍ଦମା ଅଛି ।

ଖ) ବୁଦ୍ଧିମତୀ :- ନୀନା ସିନା ସାନ କିନ୍ତୁ ଭାରି ବୁଦ୍ଧିମତୀ ।

ଗ) ଶବ୍ଦ :- ବର୍ଷାଦିନେ ଘଡ଼ଘଡ଼ିର ଶବ୍ଦ ଆମକୁ ଭୟଭୀତ କରିଥାଏ ।

ଘ) ପଶ୍ଚାତାପ :- ଜ୍ୟୋତି ନିଜ ଦୋଷ ଜାଣିବା ପରେ ପଶ୍ଚାତାପ କଲା ।

ଙ) ଉଦ୍ଭିଦ :- ଜଙ୍ଗଲରେ ଅନେକ ପ୍ରକାର ଉଦ୍ଭିଦ ଦେଖିବାକୁ ମିଳେ ।

୮. ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକ ଯେଉଁ ଋତୁ ସହ ସମ୍ପର୍କିତ, ତାହା ସହିତ ଗାରଟାଣି ଯୋଡ଼ ।




୯. ଉତ୍ତର ଲେଖ ।

କ) ତୁମେ ପଶ୍ଚିମ ଦିଗକୁ ଅନାଇ ଠିଆ ହେଲେ ତୁମର ଦକ୍ଷିଣହସ୍ତ କେଉଁ ଦିଗକୁ ରହିବ ?

ଉ: ଆମେ ପଶ୍ଚିମ ଦିଗକୁ ଅନାଇ ଠିଆ ହେଲେ ଆମର ଦକ୍ଷିଣହସ୍ତ ଉତ୍ତର ଦିଗକୁ ରହିବ ।

ଖ) ତୁମେ ଦକ୍ଷିଣ ଦିଗକୁ ଅନାଇ ଠିଆ ହେଲେ ତୁମ ବାମହାତ କେଉଁ ଦିଗକୁ ରହିବ ?

ଉ: ଆମେ ଦକ୍ଷିଣ ଦିଗକୁ ଅନାଇ ଠିଆହେଲେ ଆମ ବାମହାତ ପୂର୍ବଦିଗକୁ ରହିବ ।

ଗ) ତୁମେ ଉତ୍ତରଦିଗକୁ ଅନାଇ ଠିଆ ହେଲେ ତୁମ ପିଠି କେଉଁ ଦିଗକୁ ରହିବ ?

ଉ: ଆମେ ଉତ୍ତର ଦିଗକୁ ଅନାଇ ଠିଆ ହେଲେ ଆମ ପିଠି ଦକ୍ଷିଣ ଦିଗକୁ ରହିବ ।

## ୧୦. କେଉଁ ଦିନମାନଙ୍କରେ ଏହା ହେଉଥିବ ?

କ) ଚତୁର୍ଦ୍ଦିଗ କାଦୁଅ ପଚ୍‌ପଚ୍ ହୁଏ — ବର୍ଷାଦିନ

ଖ) ଛକ ଜାଗାମାନଙ୍କରେ ଜଳଛତ୍ର ଖୋଲାଯାଏ — ଖରାଦିନ

ଗ) ସକାଳୁ ସକାଳୁ କୁହୁଡ଼ି ଦେଖାଯାଏ — ଶୀତଦିନ

ଘ) କଳାଚଷମା, ଛତା, ଚପଲ, ପାଣିବୋତଲ ବ୍ୟବହାର ବଢ଼େ — ଖରାଦିନ

ଙ) ଲୋକେ ଗରମପୋଷାକ ବ୍ୟବହାର କରନ୍ତି — ଶୀତଦିନ

## ୧୧. ଗୋଟିଏ ଶବ୍ଦ ବଦଳାଇ ବାକ୍ୟଟି ଠିକ୍ କରି ଲେଖ ।

କ) ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି ।

ଉ: ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି ।

ଖ) ଶୀତଦିନେ ବହୁତ ଗୁଳୁଗୁଳି ହୁଏ ।

ଉ: ଖରାଦିନେ ବହୁତ ଗୁଳୁଗୁଳି ହୁଏ ।

ଗ) ଖରାଦିନେ ପାଗ କୋହଲା ହୁଏ ।

ଉ: ବର୍ଷାଦିନେ ପାଗ କୋହଲା ହୁଏ ।

ଘ) ବର୍ଷାଦିନେ କୁହୁଡ଼ି ହୁଏ ।

ଉ: ଶୀତଦିନେ କୁହୁଡ଼ି ହୁଏ ।

## ୧୨. ଟିକିଏ ଭାବ, ଲେଖ ।

ଯଦି ସୂର୍ଯ୍ୟ ନଥା'ନ୍ତା, ତାହା ହେଲେ କ'ଣ ହୁଅନ୍ତା ?

ଯଦି ସୂର୍ଯ୍ୟ ନଥା'ନ୍ତା, ତା'ହେଲେ ସମସ୍ତ ଜୀବଜଗତ ଓ ଉଦ୍ଭିଦ ଜଗତର ସ୍ଥିତି ନଥା'ନ୍ତା । ଆମେ ସୂର୍ଯ୍ୟକିରଣରୁ ବଞ୍ଚିତ ହୋଇଥା'ନ୍ତେ । ବୃକ୍ଷ ତାହାର ରନ୍ଧନ କ୍ରିୟା କରିପାରନ୍ତା ନାହିଁ । ସୂର୍ଯ୍ୟ ବିନା କୌଣସି ଜୀବନ ବଞ୍ଚିବା ସମ୍ଭବ ନୁହେଁ । କାରଣ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସୂର୍ଯ୍ୟଙ୍କ ଉପସ୍ଥିତି ସମଗ୍ର ବିଶ୍ୱପାଇଁ ନିତ୍ୟାନ୍ତ ଜରୁରୀ ଓ ଆବଶ୍ୟକ । ଉତ୍ତାପ ଅଭାବରୁ ସମଗ୍ର ପ୍ରାଣୀଜଗତ, ଜୀବଜଗତ ଓ ଉଦ୍ଭିଦ ଜଗତ ଲୋପ ପାଇଯାଆନ୍ତା ।

ODM EDUCATIONAL GROUP Changing your Tomorrow

**୧୩. ଯଦି ମୋତେ ବର୍ଷା ହେବ ନାହିଁ, ତା' ହେଲେ କ'ଣ ହେବ ?**

ଯଦି ମୋତେ ବର୍ଷା ହେବ ନାହିଁ, ତା'ହେଲେ ସମଗ୍ର ଜୀବଜଗତ ଓ ଉଦ୍ଭିଦ ଜଗତ ଲୋପ ପାଇଯିବ ବା ଧ୍ୱଂସ ହୋଇଯିବ। ଜଳ ହିଁ ଜୀବନ। ଜଳ ବିନା ଆମେ ବଞ୍ଚିପାରିବା ନାହିଁ ନା ପ୍ରାଣୀଜଗତ ନା ଜୀବଜଗତ। ସମସ୍ତଙ୍କ ପାଇଁ ଜଳ ନିତ୍ୟାନ୍ତ ଆବଶ୍ୟକ। ତେଣୁ ଜଳର ଅନ୍ୟନାମ ଜୀବନ। ନଦୀ, ନାଳ, ପୋଖରୀ ଧିରେ ଧିରେ ଶୁଖିଯିବ। ଜଳ ଅଭାବରୁ ଗଛଲତା ମରିଯିବେ। ପ୍ରାଣୀଜଗତ ଖାଦ୍ୟ ଅମ୍ଳଜାନ ଓ ଜଳ ଅଭାବାର ମୃତ୍ୟୁବରଣ କରିବେ।

**୧୪. ତଳେ ଦିଆଯାଇଥିବା ଡଙ୍ଗାମାନଙ୍କରେ ରଙ୍ଗ ଦିଅ।**



Changing your Tomorrow

♦♦♦